# 21st India-Russia Annual Summit

November 26, 2021

## 21 ତମ ଭାରତ-ଋଷ ବାର୍ଷିକ ଶିଖର ସମ୍ମିଳନୀ

**ନଭେମ୍ବର 26, 2021**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସହ 21 ତମ ଭାରତ-ଋଷ ବାର୍ଷିକ ଶିଖର ସମ୍ମିଳନୀ ପାଇଁ ଋଷର ରାଷ୍ଟ୍ରପତି ମାନ୍ୟବର ଶ୍ରୀ ଭ୍ଲାଦିମିର ପୁଟିନ 6 ଡିସେମ୍ବର 2021 ରେ ନୂଆଦିଲ୍ଲୀ ଗସ୍ତରେ ଆସିବେ।

ଗତ ଭାରତ-ଋଷ ବାର୍ଷିକ ଶିଖର ସମ୍ମିଳନୀ ସେପ୍ଟେମ୍ବର 2019 ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଭ୍ଲାଡିଭୋଷ୍ଟୋକ (ଋଷ) ଗସ୍ତ ସମୟରେ ଅନୁଷ୍ଠିତ ହୋଇଥିଲା। କୋଭିଡ-19 ମହାମାରୀ ପରିସ୍ଥିତି ଯୋଗୁଁ 2020 ରେ ଏହି ବାର୍ଷିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇପାରିନଥିଲା।

ନଭେମ୍ବର 2019 ରେ ବ୍ରାସିଲିଆରେ ହୋଇଥିବା ବ୍ରିକ୍ସ ସମ୍ମିଳନୀ ଅବସରରେ ସାକ୍ଷାତ ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ମୁହାଁମୁହିଁ ବୈଠକ ହେବ। ନଭେମ୍ବର 2019 ଠାରୁ ଆଜି ପର୍ଯ୍ୟନ୍ତ ଦୁଇ ନେତାଙ୍କ ମଧ୍ୟରେ ବହୁପକ୍ଷୀୟ ସମ୍ମିଳନୀ ପାଇଁ ଭର୍ଚୁଆଲ୍ ବୈଠକ ବ୍ୟତୀତ 6 ଟି ଟେଲିଫୋନ ବାର୍ତ୍ତାଳାପ ହୋଇଛି।

ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କର ସ୍ଥିତି ଓ ଭବିଷ୍ୟତର ସମୀକ୍ଷା କରିବେ ଏବଂ ଦୁଇ ଦେଶ ମଧ୍ୟରେ ରଣନୀତିକ ଭାଗିଦାରୀକୁ ଆହୁରି ମଜବୁତ କରିବାର ଉପାୟ ଉପରେ ଆଲୋଚନା କରିବେ। ଏହି ସମ୍ମିଳନୀ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ, ବହୁପକ୍ଷୀୟ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗରେ ମତ ବିନିମୟ କରିବାର ଏକ ସୁଯୋଗ ମଧ୍ୟ ପ୍ରଦାନ କରିବ।

ଋଷର ରାଷ୍ଟ୍ରପତିଙ୍କ ଗସ୍ତ ଭାରତ ଓ ଋଷରେ ବୈକଳ୍ପିକ ଭାବରେ ଅନୁଷ୍ଠିତ ହୋଇଆସୁଥିବା ବାର୍ଷିକ ସମ୍ମିଳନୀର ପରମ୍ପରା ଅନୁଯାୟୀ ହେବ। ଏହି ଗସ୍ତ ଭାରତ-ଋଷର ସ୍ୱତନ୍ତ୍ର ଓ ବିଶେଷ ରଣନୀତିକ ଭାଗିଦାରୀକୁ ସୁଦୃଢ କରିବ।

**ନୂଆଦିଲ୍ଲୀ**

**ନଭେମ୍ବର 26, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.